# ୭.ପିପ୍ପଳୀ

**ଉଦ୍ଭିଦ ପରିଚୟ:**

ପିପ୍ପଳୀ ମୁଖ୍ୟତ ମାଲଏସିଆ ତଥା ଇଣ୍ଡୋନେସିଆ ଜନ୍ମିତ ଉଦ୍ଭିଦ ଏତଦ ବ୍ୟତୀତ ଶ୍ରୀଲଙ୍କା, ସିଙ୍ଗାପୁର, ଆଫଗାନିସ୍ଥାନ, ଫିଲିପାଇନ୍ସ ତଥା ବର୍ମା ଆଦି ଦେଶରେ ଦେଖିବାକୁ ମିଳିଥାଏ । ଭାରତରେ ମୁଖ୍ୟତ ଉଷ୍ଣ ପ୍ରଦେଶ ତଥା ଅଧିକ ବର୍ଷା ହେଉଥିବା ଅଞ୍ଚଳ ର ଜଙ୍ଗଲରେ ଏହା ପ୍ରକୃତିକ ଭାବରେ ଦେଖିବାକୁ ମିଳିଥାଏ ।

ପିପ୍ପଳୀ ଏକ ସୁଗନ୍ଧିଯୁକ୍ତ ଲତା ଜାତୀୟ ଔଷଧୀୟ ଉଦ୍ଭିଦ, ଏହା ଭୂମି ଉପରେ ମାଡ଼ିଥାଏ କିମ୍ବା ଅନ୍ୟ ବୃକ୍ଷର ସାହାରା ନେଇ ମାଡି ଥାଏ । ଏହାର କାଣ୍ଡରୁ ଉପମୁଳ ବାହାରି ଥାଏ, ଯାହାର ସାହାରା ନେଇ ଉପରକୁ ମାଡ଼ିବ ସହିତ ଶାଖା ପ୍ରଶାଖା ମେଲିଥାଏ । ଏହାର ପତ୍ର ଗୁଡିକ ପାନପତ୍ର ଆକାରର ହୋଇଥାଏ ଯାହାର ଲମ୍ବା ୫ ରୁ ୭ ସେ. ମି. ପର୍ଯ୍ୟନ୍ତ ହୋଇଥାଏ । ବର୍ଷା ଋତୁରେ ଏଥିରେ ଫୁଲ ଆସିଥାଏ ଓ ଶରତ ଋତୁରେ ଫଳ ଆସିଥାଏ । ପ୍ରାରମ୍ଭରେ ଫଳଗୁଡିକ ସବୁଜ ରଙ୍ଗର ପରେପରେ ଇଷଦ ହଳଦୀ ରଙ୍ଗ ଓ ପରିପକ୍ୱ ହେଲାପରେ ଧୂସର ରଙ୍ଗ ହେଇଥାଏ । ଆୟୁର୍ବେଦ ଔଷଧ ପ୍ରସ୍ତୁତିରେ ଏହାର ଫଳ ଓ ମୂଳ ବ୍ୟବହାର ହୋଇଥାଏ ।

ଭାରତ ର ବିଭିନ୍ନ ପ୍ରଦେଶରେ ଏହାର ନାମକରଣ ଯଥା -

ବେଙ୍ଗଲୀ ନାମ – ପିପୁଳ, ଯତ୍ୟା

ଓଡ଼ିଆ ନାମ – ପିପ୍ପଳୀ

ହିନ୍ଦୀ ନାମ – ପିପ୍ପଲ, ପିପ୍ପଳୀ

ସଂସ୍କୃତ ନାମ – ପିପ୍ପଳୀ, ମାଗଧୀ

ଇଂରାଜୀ ନାମ- Indian Long piper

ପିପ୍ପଳୀ ର ପ୍ରକାର ଭେଦ:

ରାଜନିର୍ଘନଟୁ ମତ୍ତାନୁସାରେ ଚାରି ପ୍ରକାର ପିପ୍ପଳୀ ର ବର୍ଣନା କରାଯାଇଅଛି ଯଥା - ପିପ୍ପଳୀ, ବନପିପ୍ପଳୀ, ସିଂହଳୀପିପ୍ପଳୀ ଓ ଗଜପିପ୍ପଳୀ ।

**ଚାଷ ପ୍ରଣାଳୀ:**

ପିପ୍ପଳିର ଚାଷ ଏହାର ଫଳ ଓ ମୂଳ ନିମନ୍ତେ କରାଯାଇଥଏ, ଏହାର ଚାଷ ୩-୫ ବର୍ଷ ନିମନ୍ତେ କରାଯାଇଥାଏ | ଚାରା ରୋପଣର ଚାରି ରୁ ପାଞ୍ଚ ମାସ ମଧ୍ୟରେ ଫଳ ଆସିବା ପ୍ରାରମ୍ଭ ହୋଇଯାଇଥାଏ | ଏଥିରେ ପ୍ରତି ବର୍ଷ ଫଳ ଆସିଥାଏ, ପାଞ୍ଚବର୍ଷ ପରେ ଏହାର ମୂଳକୁ ଉପାଡି ଅମଳ କରାଯାଇଥାଏ |

**ଜଳବାୟୁ ଓ ମୃର୍ତ୍ତିକା:**

ପିପ୍ପଳୀ ଜୀବାଂଶଯୁକ୍ତ ଦୋରସା ଓ ଲାଲ ମାଟି ତଥା ନିଗିଡ଼ା ଜମିରେ ଚାଷ କରାଯାଇଥାଏ | ସାମାନ୍ୟ ପି.ଏଚ. ଥିବା ଜମି ଏହାର ଚାଷ ନିମନ୍ତେ ଉପଯୁକ୍ତ |

**ନର୍ସରୀ ପ୍ରସ୍ତୁତି:**

ପିପ୍ପଳୀ ର ନର୍ସରୀ ପ୍ରସ୍ତୁତି ର ଉପଯୁକ୍ତ ସମୟ ଫେବୃଆରୀ ରୁ ମାର୍ଚ୍ଚ ମାସ ମଧ୍ୟରେ କରାଯାଇଥାଏ | ଏହି ସମୟରେ ପୁରୁଣା ଗଛର ସଖାକୁ ୮-୧୦ ଇଞ୍ଚ ଲମ୍ବର କାଟି ( ଯେଉଁଥିରେ ୩-୬ ଟି ଆଖି ଥିବ) ପଲିଥିନ ଥଳିରେ ରୋପଣ କରାଯାଇଥାଏ | ରୋପଣ ପୂର୍ବରୁ ପଲିଥିନ ଥଳିରେ ମାଟି, ବାଲି ଓ ଗୋବର ଖତ (ପ୍ରତ୍ୟେକ ୩୩ ପ୍ରତିଶତ) ମିଶାଇ ପ୍ରସ୍ତୁତ କରାଯାଇଥାଏ | ପଲିଥିନ ଥଳିରେ ରୋପଣ ପୂର୍ବରୁ କଲୋମ ଗୁଡିକୁ ଗୋମୂତ୍ରରେ ଭିଜେଇକରି ରୋପଣ କରାଯାଏ ଓ ଛାଇ ସ୍ଥାନରେ ରଖାଯାଇଥାଏ | ପ୍ରତିଦିନ ସାମାନ୍ୟ ଜଳ ଛିଞ୍ଚନ କରାଯାଏ | ୪୫ ରୁ ୬୦ ଦିନ ମଧ୍ୟରେ ଚାରା ଗୁଡିକ ମୁଖ୍ୟ କ୍ଷେତରେ ରୋପଣ ନିମନ୍ତେ ଉପଯୁକ୍ତ ହୋଇଯାଇଥାଏ |

**ମୁଖ୍ୟ କ୍ଷେତ ପ୍ରସ୍ତୁତି:**

ପିପ୍ପଳୀ ଏକ ୪-୫ ବାର୍ଷିକ ଫସଲ ତେଣୁ କ୍ଷେତ ପ୍ରସ୍ତୁତି ସମୟରେ ଏହାକୁ ଧ୍ୟାନରେ ରଖି କ୍ଷେତ ପ୍ରସ୍ତୁତି କରିବା ଉଚିତ | ସେଥି ନିମନ୍ତେ ଜମିକୁ ୨-୩ ଓର ହଳ କରିବା ସହିତ କ୍ଷେତରେ ହେକ୍ଟର ପ୍ରତି ୧୨ ରୁ ୧୫ ଟନ ଶଢା ଗୋବରଖତ ମିଶାଇ କ୍ଷେତ ପ୍ରସ୍ତୁତ କରିବା ଉଚିତ | କ୍ଷେତରେ ୨ x ୨ ଫୁଟ ଦୂରତାରେ ଗାତ ଖୋଳି ସେଥିରେ ୧୦୦ ଗ୍ରାମ ଓଜନ ର ଶଢାଗୋବର ଖତ ପ୍ରୟୋଗ କରିବା ଉଚିତ |

**ଚାରା ରୋପଣ:**

ବର୍ଷ ଋତୁ ପ୍ରାରମ୍ଭରେ ପୂର୍ବପ୍ରସ୍ତୁତ ଚାରା ଗୁଡିକୁ ମୁଖ୍ୟ କ୍ଷେତ ର ଗର୍ତ୍ତ  ଗୁଡିକରେ ରୋପଣ କରାଯାଏ | ପ୍ରତି ଗର୍ତ୍ତରେ ଦୁଇଟି ଲେଖାଏ ଚାରା ରୋପଣ କରାଯାଏ | ହେକ୍ଟର ପ୍ରତି ପ୍ରାୟ ୫୦୦୦୦ ରୁ ୬୦୦୦୦ ଚାରା ଆବଶ୍ୟକ ପଡିଥାଏ |

**ରକ୍ଷା ବ୍ୟବସ୍ଥା:**

ପିପ୍ପଳୀ ଲତାକୁ ମାଡିବା ନିମନ୍ତେ ରଞ୍ଜା ବ୍ୟବସ୍ଥା କରିବା ଦରକାର | ଏଥିନିମନ୍ତେ ପ୍ରତି ଗଛର ପାଖରେ ରଞ୍ଜା ଲଗାଯାଇଥାଏ, ଯଦିଓ ରଞ୍ଜା ବ୍ୟବସ୍ଥା କରାନଯାଏ ତେବେ ଏହାର ଫଳ ଗୁଡିକ ମାଟିରେ ଲାଗି ପଚିଯାଇଥାଏ |

**ଘାସ ବାଛିବା:**

କ୍ଷେତରୁ ନିୟମିତ ବ୍ୟବଧାନରେ ଘାସ ଓ ଅନାବନା ଗଛ ବାଛିବା ଆବଶ୍ୟକ ପଡିଥାଏ | ଏହାଦ୍ଵାରା କ୍ଷେତ ସଫାରହିବା ସହିତ ହାତରେ ଘାସ ସଫା କରିବା ଦ୍ଵାରା ମାଟି ହାଲୁକା ହୋଇଥାଏ ଯାହାଦ୍ଵାରା ଗଛର ଚେର ବୃଦ୍ଧି ହେବାରେ ଉପଯୁକ୍ତ ବାତାବରଣ ସୃଷ୍ଟି ହୋଇଥାଏ |

**ରୋଗ ପୋକ ନିରାକରଣ:**

ପିପ୍ପଳୀ ଫସଲକୁ ନଷ୍ଟକରୁଥିବା ପ୍ରମୁଖ କୀଟ ମିଲି ବଗ ଓ ଟିପା | ମିଲି ବଗ ଗଛର ମୂଳକୁ ଆକ୍ରମଣ କରିଥାଏ ଓ ଗ୍ରୀଷ୍ମ ଋତୁରେ ଏହାର ପ୍ରଭାବ ଅଧିକ ହୋଇଥାଏ | ଏହାର ନିଦାନ ହେତୁ ନିମତେଲ କିମ୍ଵା ନିମପତ୍ର କ୍ଵାଥ ମଇ ମାସରେ କରିଲେ ଲାଭକାରୀ ହୋଇଥାଏ |

**ଅମଳ:**

ଚାରା ରୋପଣ ର ୮ ମାସ ପରେ ଏଥିରେ ଆସିଥିବା ଫଳ ଗୁଡିକ ଅମଳ କ୍ଷମ ହୋଇଥାଏ | ଏହାର ଫଳ ଗୁଡିକ ଧୂସର ରଙ୍ଗର ହୋଇଗଲେ ଜାଣିବା ଯେ ଏହା ସମ୍ପୂର୍ଣ ପରିପକ୍ଵ ଓ ଅମଳ ଉପଯୁକ୍ତ | ଏହାପରେ ଏହାର ଫଳ ଗୁଡିକୁ ତୋଳିକରି ଖାରେ ୪ ରୁ ୫ ଦିନ ପର୍ଯନ୍ତ ଶୁଖାଇଲା ପରେ ଏହା ବଜାରରେ ବିକ୍ରୟ ନିମନ୍ତେ ଉପଯୁକ୍ତ ହୋଇଥାଏ | ପ୍ରଥମ ବର୍ଷ ପ୍ରାୟ ୧୦ କୁଇଣ୍ଟାଲ ଶୁଖିଲା ପିପ୍ପଳୀ ଅମଳ ହୋଇଥରେ ଦ୍ଵିତୀୟ ବର୍ଷରୁ ପଞ୍ଚମ ବର୍ଷ ପର୍ଯନ୍ତ ପ୍ରାୟ ୧୫ କୁଇଣ୍ଟାଲ ଅମଳ ହୋଇଥାଏ | ପଞ୍ଚମ ବର୍ଷ ପ୍ରାୟ ୫୦୦ କୁଇଣ୍ଟାଲ ପିପ୍ପଳମୂଳ ଅମଳ ହୋଇଥାଏ |

**କ୍ଷେତ୍ର ର ଯତ୍ନ:**

ପ୍ରତି ବର୍ଷ ଫସଲ ଅମଳ ପରେ ଫେବୃଆରୀ ଓ ମାର୍ଚ୍ଚ ମାସରେ ଏହାର ଲତାଗୁଡିକୁ କାଟିଦିଆଯାଏ | କିଛି ଦିନପରେ ଗଛ ଗୁଡିକ ରେ ପୁନ୍ନ ପତ୍ର ଆସିବା ସହିତ ଫୁଲ ଫଳ ଆସିଥାଏ | ଯଦିଓ ଏହାର ଲତା ଗୁଡିକୁ କଟା ନଯାଏ ତାହେଲେ ପର ବର୍ଷ ଏଥିରେ ଫଳ ଆସିବା କମି ଯାଇଥାଏ | ତତ ସହିତ ପ୍ରତ୍ୟେକ ଗଛ ମୂଳରେ ନୁମ୍ନତମ ୫୦୦ ଗ୍ରାମ ଶଢା ଗୋବରଖତ ପ୍ରୟୋଗ କରିବା ଉଚିତ |

**ଆୟବ୍ୟୟ ଅଟକଳ:**

**୧. ବ୍ୟୟ**

| କ୍ର. ସଂଖ୍ୟା | ଖର୍ଚ୍ଚ ବିଶେଷ | ପ୍ରଥମବର୍ଷ ଖର୍ଚ୍ଚ | ଦ୍ୱିତୀୟବର୍ଷ ଖର୍ଚ୍ଚ | ତୃତୀୟବର୍ଷ ଖର୍ଚ୍ଚ | ଚର୍ତୁଥବର୍ଷ ଖର୍ଚ୍ଚ | ପଞ୍ଚମବର୍ଷ ଖର୍ଚ୍ଚ |
|---|---|---|---|---|---|---|
| ୧. | ଚାରା ପ୍ରସ୍ତୁତି/ ନର୍ସରୀ ପ୍ରସ୍ତୁତି (୫୦,୦୦୦ @ ୫.୦୦ ଟଙ୍କା) | ୨,୫୦,୦୦୦ | - | - | - | - |
| ୨. | କ୍ଷେତ ପ୍ରସ୍ତୁତି | ୫,୨୫୦ | - | - | - | - |
| ୩. | ଖତ ପ୍ରୟୋଗ | ୯,୩୭୫ | ୩,୧୨୫ | ୩,୧୨୫ | ୩,୧୨୫ | ୩,୧୨୫ |
| ୪. | ଚାରା ରୋପଣ | ୬,୨୫୦ | - | - | - | - |
| ୫. | ଆରୋହଣ ବ୍ୟବସ୍ଥା / ରଞ୍ଜା ବ୍ୟବସ୍ଥା | ୨୦,୦୦୦ | - | ୨୦,୦୦୦ | - | - |
| ୬. | ଜଳସେଚନ | ୩,୦୦୦ | ୩,୦୦୦ | ୩,୦୦୦ | ୩,୦୦୦ | ୩,୦୦୦ |
| ୭. | ଘାସ ବଛା | ୩,୦୦୦ | ୩,୦୦୦ | ୩,୦୦୦ | ୩,୦୦୦ | ୩,୦୦୦ |
| ୮. | କୀଟନାଶକ | ୨,୫୦୦ | ୨,୫୦୦ | ୨,୫୦୦ | ୨,୫୦୦ | ୨,୫୦୦ |
| ୯. | ଅମଳ | ୫,୦୦୦ | ୫,୦୦୦ | ୫,୦୦୦ | ୫,୦୦୦ | ୫,୦୦୦ |
| | **ମୋଟ** | **୩,୦୪,୩୭୫.୦୦** | **୧୬,୧୨୫.୦୦** | **୩୬,୧୨୫.୦୦** | **୧୬,୧୨୫.୦୦** | **୧୬,୧୨୫.୦୦** |

## ୨. ଆୟ

| କ୍ର. ସଂଖ୍ୟା | ପରିମାଣ | ବାର୍ଷିକ ଟଙ୍କାର ପରିମାଣ (୧ମ ବର୍ଷ) | ବାର୍ଷିକ ଟଙ୍କାର ପରିମାଣ (୨ୟ ବର୍ଷ ) | ବାର୍ଷିକ ଟଙ୍କାର ପରିମାଣ (୩ୟ ବର୍ଷ) | ବାର୍ଷିକ ଟଙ୍କାର ପରିମାଣ (୪ର୍ଥ ବର୍ଷ) | ବାର୍ଷିକ ଟଙ୍କାର ପରିମାଣ (୫ମ ବର୍ଷ) |
|---|---|---|---|---|---|---|
| ୧. | ପିପ୍ପଳୀ କିଲୋପ୍ରତି ୬୪୦.୦୦ ଟଙ୍କା x ୧୦୦୦ କିଲୋ (ପ୍ରଥମ ବର୍ଷ), ୧୫୦୦ କିଲୋ (ଦ୍ୱିତୀୟ ବର୍ଷ ରୁ ପଞ୍ଚମ ବର୍ଷ) | ୬,୪୦,୦୦୦ | ୯,୬୦,୦୦୦ | ୯,୬୦,୦୦୦ | ୯,୬୦,୦୦୦ | ୯,୬୦,୦୦୦ |
| ୨. | ପିପ୍ପଳୀ ମୂଳ କିଲୋ ପ୍ରତି ୩୪୦.୦୦ x ୫୦୦ କିଲୋ | | | | | ୧,୭୦,୦୦୦ |
| | **ମୋଟ** | **୬,୪୦,୦୦୦** | **୯,୬୦,୦୦୦** | **୯,୬୦,୦୦୦** | **୯,୬୦,୦୦୦** | **୧୧,୩୦,୦୦୦** |

## ଔଷଧୀୟ ବ୍ୟବହାର:

ଆୟୁର୍ବେଦ ଶାସ୍ତ୍ରରେ ଯେଉଁ ତ୍ରିକଟୁର ବର୍ଣନା କରାଯାଇଛି ତାହାହେଉଛି ଶୁଣ୍ଠୀ, ପିପ୍ପଳୀ ଓ ଗୋଲ ମରିଚ, ଏହି ସମସ୍ତକୁ ସମପରିମାଣରେ ନେଇ ମିଶାଇଦେଲେ ତାହାକୁ " ତ୍ରିକଟୁ" ବୋଲି କୁହାଯାଏ | ଅଧିକାଂଶ ଆୟୁର୍ବେଦ ଔଷଧ ପ୍ରସ୍ତୁତିରେ ତ୍ରିକଟୁର ବ୍ୟବହାର କରାଯାଇଥାଏ |

**ଶ୍ୱାସ ରୋଗ ଉପଚାର ହେତୁ**:

୧/୨ ଚାମଚ ତ୍ରିକଟୁ ଚୁର୍ଣ ସହିତ ୧ ଚାମଚ ମହୁ ସହିତ ସେବନ କରିଲେ ଏହି ରୋଗରୁ ଉପଶମ ମିଳିଥାଏ |

**କାଶ ଓ ଅମ୍ଳପିତ୍ତ ରୋଗରେ:**

୧/୨ ଚାମଚ ପିପ୍ପଳୀ ଚୁର୍ଣ ୧ କପ କ୍ଷୀର ସହିତ ସେବନ କରିଲେ ଏହି ରୋଗରୁ ଉପଶମ ମିଳିଥାଏ |

**ହିକକା ରୋଗରେ:**

୧ ଚାମଚ ପିପ୍ପଳୀ ଚୁର୍ଣ ସହିତ ୧/୨ ଚାମଚ ମହୁ ମିଶାଇ ସେବନ କରିଲେ ଏହି ରୋଗ ଦୂର ହୋଇଥାଏ |